# 'ସ୍ୱାଧୀନ' ଦେଶର ଉପନିବେଶମାନଙ୍କ କଥା

ନିକଟରେ ରାଜଧାନୀ ଭୁବନେଶ୍ୱରରେ ଆଦିବାସୀ ସଙ୍ଗଠନମାନଙ୍କର ଏକ ସମାବେଶ ହେଇଥିଲା । ୧୯୯୬ର ପେସା ଆଇନ ବା ଅନୁସୂଚିତ ଅଂଚଳକୁ ପଂଚାୟତିରାଜର ସମ୍ପ୍ରସାରଣ ସମ୍ପର୍କିତ ଆଇନକୁ କାର୍ଯ୍ୟକାରୀ କରାଇବା ଏବଂ ୨୦୦୬ ମସିହାର ଜଙ୍ଗଲ ଅଧିକାର ଆଇନକୁ ଫଳପ୍ରଦ ଭାବେ କାମ କରାଇବା ପାଇଁ ସେହି ସମାବେଶରେ ଜୋରଦାର ଦାବୀ କରାଯାଇଥିଲା । ସ୍ୱାଧୀନ ବିଧାୟକ ଜର୍ଜ ତିର୍କୀ ଓ କଂଗ୍ରେସ ବିଧାୟକ ଡଃ ପ୍ରଫୁଲ ମାଝୀଙ୍କ ବ୍ୟତୀତ ଅନ୍ୟ ଆଦିବାସୀ ବିଧାୟକମାନେ ଆଦିବାସୀମାନଙ୍କ ସମ୍ପର୍କରେ କହିବାର ସମସ୍ତ ଯୋଗ୍ୟତା ହରାଇଥିବା ମନେକରି ବୋଧହୁଏ ଏହି ସମାବେଶରେ ଯୋଗ ଦେଇନଥିଲେ । ଏଥିରେ ଯୋଗ ଦେବାପାଇଁ ନିଜର ପ୍ରବଳ ଆଗ୍ରହ ଥିବା ସ ୍ୱ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ଯୋଗୁଁ ଯାଇପାରିନଥିଲି । ଅନୁରୋଧ କରିଥିଲି 'ସମଦୃଷ୍ଟି ଟିଭି'ର ଲକ୍ଷ୍ମୀଧର ମୁର୍ମୁଙ୍କୁ ଆଲୋଚନାଗୁଡ଼ିକର ଭିଡ଼ିଓ ଚିତ୍ର ଉ ୋଳନ କରିବା ପାଇଁ । ସେ ମଧ୍ୟ ନିଷ୍ଠାର ସହ କାମଟି କଲେ । ସନ୍ଧ୍ୟାରେ ଫେରିବାବେଳେ ସେ ଅତି ଗମ୍ଭୀର ଦେଖାଯାଉଥିଲେ । ସେ ଅଧିକ ନୀରବ ଓ ଚିନ୍ତାଗ୍ରସ୍ତ ଲାଗୁଥିଲେ । ଗତକାଲିର ଅନୁଭୂତି ସମ୍ପର୍କରେ ଶୁଣାଇବା ପାଇଁ ଠିକ୍ ତା' ପରଦିନ କହିଲି । ହଠାତ୍ ସେ ପ୍ରଶ୍ନଟିଏ କଲେ – 'ଆମ ଆଦିବାସୀମାନେ ବହୁତ ସମସ୍ୟାରେ ଅଛନ୍ତି । ତାଙ୍କ ପ୍ରତି କାହାର ସମ୍ମାନ ନାହିଁ । ସେମାନଙ୍କର ସ୍ୱାଧୀନତା ନାହିଁ । ଏପରି ଅବସ୍ଥା କେତେଦିନ ଚାଲିବ?' ନିଜେ ଆଦିବାସୀ ସମ୍ପ୍ରଦାୟରୁ ଆସିଥିବା ଲକ୍ଷ୍ମୀଧର କହି ଚାଲିଲେ 'ସ୍ୱାଧୀନତା ପୂର୍ବରୁ ଆମେ ସ୍ୱାଧୀନ ଥିଲୁ । ଏବେ ପରାଧୀନ ହେଇଗଲୁ ।' ତାଙ୍କର କହିବାର ଉଦ୍ଦେଶ୍ୟ ଥିଲା ଇଂରେଜମାନଙ୍କ ଅମଳରେ ଆଦିବାସୀମାନେ ସ୍ୱାଧୀନ ଜୀବନଯାପନ କରୁଥିଲେ । ନିଜ ଜଙ୍ଗଲ, ନିଜ ଜମି, ନିଜ ସଂସ୍କୃତି, ନିଜ ସମ୍ପଦ ସବୁଥିରେ ସେମାନଙ୍କର ଅଧିକାର ଥିଲା । ଇଂରେଜ ଅମଳର ଏଜେନ୍ସି ଏରିଆ ଆକ୍ଟ କଥା ତାଙ୍କ ମନରେ ରହିଥିଲା । ଫିରିଙ୍ଗିମାନେ କେମିତି ଆଦିବାସୀଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ସମ୍ମାନ ଦେଇ ନିୟମ କାନୁନ କରିଥିଲେ । ସେମାନେ ରାଜନୈତିକ କ୍ଷମତା ଯେତେବେଳେ ସମ୍ଭ୍ରାନ୍ତ ଓ ଶିକ୍ଷିତ ଭାରତୀୟମାନଙ୍କ ହାତରେ ଦେଲେ, ଏ ଦେଶରେ ଆଦିବାସୀ ଅଂଚଳଗୁଡ଼ିକ ଗୋଟିଏ ଗୋଟିଏ ଉପନିବେଶ ହେଇଗଲା । ଭାରତୀୟମାନେ ଜଙ୍ଗଲ ଅ ଳରେ ରହୁଥିବା ଅନ୍ୟ ଭାରତୀୟମାନଙ୍କୁ ନିଜର ବୋଲି ଭାବି ପାରିଲେନି । ସ୍ୱତନ୍ତ୍ର ଯୋଜନା ନାଁ'ରେ ଭାରତୀୟ ରାଷ୍ଟ୍ର ଯାହା ବି ଏମାନଙ୍କ ପାଇଁ କଲା, ତାହା ସେମାନଙ୍କ ପ୍ରତି ଉପହାସ ଥିଲା । ସେଥିପାଇଁ ରାଜୀବ ଗାନ୍ଧୀ ୧୯୯୩ରେ ପଂଚାୟତିରାଜ ଆଇନ ଆଣିବା ପରେ ଆଦିବାସୀଙ୍କ ହିତ ପାଇଁ କାମ କରୁଥିବା ଲୋକମାନେ ବିଶେଷକରି ଡଃ ବ୍ରହ୍ମଦେବ ଶର୍ମାଙ୍କ ନେତୃତ୍ୱରେ ଅନୁସୂଚିତ ଅ ଳକୁ ପ ାୟତର ସମ୍ପ୍ରସାରଣ କରିବା ଏବଂ ପଲ୍ଲୀକୁ ତୃଣମୂଳ ଗଣତନ୍ତ୍ରର ସର୍ବଶେଷ ତଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପାହାଚ ହିସାବରେ ଗ୍ରହଣ କରିବାପାଇଁ ଦାବୀ ତଥା ଆନ୍ଦୋଳନକୁ ବ୍ୟାପକ କରାଇଲେ । ଅନିଚ୍ଛାକୃତ ଭାବେ ଏବଂ ମୂଳ ଚିଠା ଆଇନକୁ ଦୁର୍ବଳ କରି ୧୯୯୬ରେ ପାରିତ ହେଲା ପେସା ଆଇନ । ଗ୍ରାମସଭା/ ପଲ୍ଲୀସଭାର ବିନା 'ପରାମର୍ଶ'ରେ (ଯାହା ଚିଠା ଆଇନରେ 'ଅନୁମତି' ଥିଲା) ଗ୍ରାମରେ କୌଣସି ବିକାଶମୂଳକ କାମ ସରକାର ନେଇ ପାରିବେନି । ସବୁର ଆଧାର ହେଉଛି ସମ୍ବିଧାନର ୫ମ ଓ ୬ଷ୍ଠ ଅନୁଚ୍ଛେଦ-ଯାହାର ମୂଳଭି ି ଇଂରେଜ ଅମଳର ଏଜେନ୍ସି ଏରିଆ ଆଇନରୁ ଆସିଥିଲା, ଯଦିଓ ମୂଳ ଆଇନକୁ ସବୁସ୍ତରରେ ଦୁର୍ବଳ କରାଯାଇଥିଲା । ସେହି ୫ମ ଅନୁଚ୍ଛେଦ ଅନୁସାରେ ହିଁ ଓଡ଼ିଶାରେ ୧୯୫୬ ମସିହାରେ ରେଗୁଲେସନ-୨ ପାରିତ ହେଇଥିଲା । ଅନୁସୂଚିତ ଅ ଳରେ ଆଦିବାସୀଙ୍କ ଜମି ଅଣ ଆଦିବାସୀଙ୍କୁ ହସ୍ତାନ୍ତରିତ ହୋଇପାରିବ ନାହିଁ । କିନ୍ତୁ ଆଇନକୁ ଦୁର୍ବଳ କରିବା ପାଇଁ ପ୍ରାବଧାନ ରହିଥିଲା ଜିଲ୍ଲାପାଳ ବା ତାଙ୍କ ଦ୍ୱାରା ନିର୍ଦ୍ଧାରିତ ରାଜସ୍ୱ କ ୃପକ୍ଷଙ୍କ ଅନୁମତି ନେଇ ଜମି ହସ୍ତାନ୍ତରୀକରଣ ହେଇପାରିବ । ଆନ୍ଧ୍ରପ୍ରଦେଶରେ ୧୯୭୦ର ପ୍ରଥମ ଆଇନ ହିସାବରେ ଯେଉଁ ଆଇନ ପାରିତ ହେଲା ତାହା ଅନୁସୂଚିତ ଅ ଳରେ ଆଦିବାସୀଙ୍କ ଜମି ଅଣ ଆଦିବାସୀଙ୍କୁ ହସ୍ତାନ୍ତରିତ କରିବା ପାଇଁ ସମ୍ପୂର୍ଣ୍ଣ ମନା କରିଦେଇଥିଲା । ଏଭଳି ଆଇନର ଢାଂଚାଟି ଜନବାଦୀ ପ୍ରଶାସକ ଏସ୍.ଆର୍.ଶଙ୍କରନ୍‌ଙ୍କ ଯୋଗୁଁ ସମ୍ଭବ ହେଇଥିଲା ବୋଲି କୁହାଯାଉଛି । ଏହି ଆଇନକୁ ଭି ି କରି ହିଣ୍ଡାଲ୍‌କୋର ଜମି ଅଧିଗ୍ରହଣ ବିରୁଦ୍ଧରେ ଉଚ୍ଚତମ ନ୍ୟାୟାଳୟରେ 'ସମତା ବନାମ ଆନ୍ଧ୍ରପ୍ରଦେଶ ରାଜ୍ୟ' ଯେଉଁ ମାମଲାଟି ଚାଲିଥିଲା ତାହାର ରାୟ ମଧ୍ୟ ୧୯୯୭ରେ ଆସିଥିଲା । ଏହି ରାୟରେ ଜମି ଅଧିଗ୍ରହଣ ମାମଲାରେ ରାଷ୍ଟ୍ରକୁ 'ଅଣଆଦିବାସୀ' କହି ଉଚ୍ଚତମ ନ୍ୟାୟାଳୟ କହିଥିଲେ ଯେ ଅନୁସୂଚିତ ଅ ଳରେ ରାଷ୍ଟ୍ର ଚାହିଁଲେ ବି ଆଦିବାସୀଙ୍କ ଜମି ଅଧିଗ୍ରହଣ କରିପାରିବନି । ଆନ୍ଧ୍ରପ୍ରଦେଶରେ ରାୟର ପ୍ରଭାବ କିଛି

ମାତ୍ରାରେ ପଡ଼ିଲା -ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡରେ ଆଦୌ ନୁହେଁ । ଅନେକ ଜନସଙ୍ଗଠନମାନଙ୍କ ଉଦ୍ୟମ ସ େ ପେସା ଆଇନକୁ ଅନୁସୂଚିତ ଅ ଳ ଥିବା କୌଣସି ରାଜ୍ୟ ମାନିଲା ନାହିଁ । ୨୦୦୦ ମସିହାରେ ନବୀନ ସରକାର କିଛି ନାଟକୀୟ ଔପଚାରିକତାର ଆଶ୍ରୟ ନେଲେ ଆଦିବାସୀଙ୍କ ଜମି ହସ୍ତାନ୍ତରୀକରଣ ମାମଲାରେ । କିନ୍ତୁ ଅତି ଉଲଗ୍ନ ଭାବେ ଜମି ଅଧିଗ୍ରହଣ ଚାଲିଲା । ଦେଶବ୍ୟାପୀ ଆଦିବାସୀ ଅସନ୍ତୋଷ ପ୍ରବଳ ହେବାଯୋଗୁଁ ୨୦୦୬ ମସିହାରେ ଆସିଲା ଜଙ୍ଗଲ ଅଧିକାର ଆଇନ । ଜଙ୍ଗଲ ଉପରେ ଆଦିବାସୀ ଓ ଅନ୍ୟ ଅଣଆଦିବାସୀ ପାରମ୍ପରିକ ଜଙ୍ଗଲଜୀବୀ ବ୍ୟକ୍ତିଗତ, ଗୋଷ୍ଠୀଗତ, ସାଂସ୍କୃତିକ ଇତ୍ୟାଦି ଅଧିକାରକୁ ସ୍ୱୀକାର କରି । ଓଡ଼ିଶାରେ କାହିଁକି, ସମଗ୍ର ଦେଶରେ ଏହି ଆଇନର ସର୍ବଶ୍ରେଷ୍ଠ ପରିଣାମ ଦେଖିବାକୁ ମିଳିଥିଲା ଯେତେବେଳେ ୨୦୧୩ ମସିହାରେ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ନିୟମଗିରିରେ ୧୨ଟି ଗାଁ'ରେ ପଲ୍ଲୀସଭାରେ ସମସ୍ତ ଅଧିବାସୀ ଜଙ୍ଗଲ ଉପରେ ନିଜର ଧାର୍ମିକ, ସାଂସ୍କୃତିକ ଅଧିକାର ସମେତ ଅନ୍ୟସବୁ ଅଧିକାରକୁ ସାବ୍ୟସ୍ତ କରି ବିଚାରପତିଙ୍କ ଉପସ୍ଥିତିରେ ବେଦାନ୍ତର ଖଣିଖନନ ପ୍ରକଳ୍ପ ବିରୁଦ୍ଧରେ ସର୍ବସମ୍ମତି ରାୟ ଦେଇଥିଲେ । ହୁଏତ ତାହା ହିଁ ଥିଲା ଜଙ୍ଗଲ ଅଧିକାର ଆଇନର ପ୍ରଥମ ଓ ଶେଷତମ ଶ୍ରେଷ୍ଠ ନିଦର୍ଶନ । ୨୦୧୪ରେ ଶାସନକୁ ଆସିଥିବା ଭୟଙ୍କର ଶାସକଗୋଷ୍ଠୀର କାର୍ଯ୍ୟସୂଚୀରେ ଜମି ଅଧିକାର ବା ଜଙ୍ଗଲ ଅଧିକାର ଆଇନ ନାହିଁ । ଏହାର ବାହାନା ନେଇ ସେମାନଙ୍କଠୁ ଅଧିକ ଭୟଙ୍କର ରାଜ୍ୟ ସରକାରମାନେ ଆଦିବାସୀଙ୍କ ଅଧିକାରର ହନନ କରିଚାଲିଛନ୍ତି । ତା'ର ପ୍ରତିବାଦ ସ୍ୱରୂପ ଆଜି ଝାଡ଼ଖଣ୍ଡରେ ଆରମ୍ଭ ହୋଇଛି 'ପଥଲଗାଡ଼ି ଆନ୍ଦୋଳନ'- 'ନିଜ ଗାଁ'ରେ ଆମେ ନିଜେ ସରକାର' । ଡଃ ବ୍ରହ୍ମଦେବ ଶର୍ମାଙ୍କ ଯାହା ଦିନେ ବାଣୀ ଥିଲା, ଓଡ଼ିଶାକୁ ମଧ ସଂକ୍ରମିତ କରିଚାଲିଛି । ଏହି ଆନ୍ଦୋଳନର ସ୍ପଷ୍ଟ ଚିତ୍ର ଜାଣିବା ପାଇଁ ଆମର ଆଗ୍ରହ ଅଛି ।

ତେବେ ଲକ୍ଷ୍ମୀଧର ମୁର୍ମୁଙ୍କ କଥାଟି, 'ସ୍ୱାଧୀନତା ପୂର୍ବରୁ ଆମେ ସ୍ୱାଧୀନ ଥିଲୁ । ଏବେ ପରାଧିନ ହେଇଗଲୁ', ଭାରତରେ ଅନେକ ଦଶନ୍ଧି ଧରି ଚାଲିଥିବା ଆଭ୍ୟନ୍ତରୀଣ ଉପନିବେଶୀକରଣ ବା Internal colonizationର ଅନୁଭୂତିଭି ିକ ସୂଚନା ଦେଉଛି । ଆଦିବାସୀଙ୍କ ଭିତରେ ଥିବା ଜ୍ଞାନ ଓ ସୃଜନଶୀଳତାକୁ ତଥାକଥିତ ସଭ୍ୟସମାଜ ଏଯାଏଁ ସ୍ୱୀକୃତି ଦେଇନାହିଁ । ସେମାନଙ୍କ ରାଜନୈତିକ - ଅର୍ଥନୈତିକ ଚିନ୍ତା ଓ ଭାବନାକୁ ଚିହ୍ନିବା ପାଇଁ ଆମେ ଗ୍ରହଣ କରିଆସିଥିବା ତଥାକଥିତ ଶିକ୍ଷା ପ୍ରଥମ ପ୍ରତିବନ୍ଧକ ହେଇ ସାମ୍ନାକୁ ଆସୁଛି । ଆଗରୁ ତ ଅନେକ ଉଦାହରଣ 'ସମଦୃଷ୍ଟି'ର ପୃଷ୍ଠାଗୁଡ଼ିକରେ ସ୍ଥାନିତ ହୋଇଛି । ସ୍ୱାଧୀନତା ଦିବସ ଅବସରରେ ଆମ୍ଭେ ଏଠି କେବଳ ଖଣ୍ଡାଧାର ପାହାଡ଼ ଅ ଳର ପାଉଡ଼ି ଭୂୟାଁ ସମ୍ପ୍ରଦାୟର ବିଲୁଆ ନାୟକଙ୍କ କଥାଟି କହୁଛୁ ।

'The Call of Khandadhar Hills' ବା 'ପାହାଡ଼ର ଡାକ' ନାଁ'ରେ ତରୁଣ ମିଶ୍ରଙ୍କ ନିର୍ଦ୍ଦେଶିତ ଏବଂ ଦୂରଦର୍ଶନ ଓ ପି.ଏସ୍.ବି.ଟି. ପ୍ରାଯୋଜିତ ଏକ ବୃ ଚିତ୍ର ଦୂରଦର୍ଶନରେ ପ୍ରସାରିତ ହେଇଛି । ସେହି ବୃ ଚିତ୍ରରେ ଅନେକ କଥା କୁହାଯାଇଛି, ତେବେ ଯେକୌଣସି ମଣିଷର ସମ୍ବେଦନଶୀଳତାକୁ ଦୋହଲାଇ ଦେବା ଭଳି କଥା କହିଛନ୍ତି ମହାସର୍ଦ୍ଦାର ବିଲୁଆ ନାୟକ । ତାଙ୍କର ବକ୍ତବ୍ୟ ଏତେ ସ୍ପଷ୍ଟ ଓ ଏତେ ବଳିଷ୍ଠ ଯେ, ତାହାର ସ୍ୱତନ୍ତ୍ର ବ୍ୟାଖ୍ୟାୟନର ଆବଶ୍ୟକତା ନାହିଁ । ବିଲୁଆ ନାୟକ ନିଜ ଅ ଳରେ ଓଡ଼ିଶା ଖଣିନିଗମର ଅତ୍ୟାଚାରକୁ ନେଇ ପ୍ରତିକ୍ରିୟା କଲାବେଳେ ଯେଉଁସବୁ କଥା କହିଛନ୍ତି ତା' ଭିତରେ ଏମିତି କିଛି କଥା ଅଛି:-

"ଆମର ପରମ୍ପରାରୁ ଆମେ ଜଙ୍ଗଲ ସହିତ, ଝରଣା ସହିତ, ଗଛ ସହିତ ମିଶିକରି ରହିଆସିଛୁ । ସେଥିପାଇଁ ଆମେ ପାଉଡ଼ି, ପାହାଡ଼ରେ ରହିଛୁ । ଆମେ ଜଙ୍ଗଲକୁ କେମିତି ବ ାଇବା ଝରଣାକୁ ବ ାଇବା, ପାଣିକୁ କେମିତି ବ ାଇବା, ସବୁ ଜୀବଜନ୍ତୁ କେମିତି ପାଣି ପାଇବେ ସେଥିଲାଗି ଆମେ ଆଦିବାସୀ, ମୂଳବାସୀ ଜଙ୍ଗଲ ସହିତ ସମ୍ପର୍କ ହୋଇ ସାଥିହୋଇ ରହିଆସିଛୁ ।...

ଆମେ ସମ୍ପ ି ବୋଲି ବୁଝୁଛୁ ପାହାଡ଼, ଜଙ୍ଗଲ, ଝରଣା, ମାଁ' ମାଟିକୁ । ଧନ ସମ୍ପ ି ଆମେ କ'ଣ କରିବୁ । ଟଙ୍କା ପଇସା କମେଇବ ଆଉ ତାକୁ ବିଲ୍ଡିଂରେ ପୂରେଇଦେବ । ଆଉ କାଲିକି ମୁଁ ମାଟି ସାଙ୍ଗରେ ମିଶିଯିବି । ଆମେ ଏହି ମାଟିରୁ ଜନ୍ମ ନେଇଛୁ ଆଉ ଏହି ମାଟିରେ ଦିନେ ମିଶିଯିବୁ । ଜଙ୍ଗଲ, ମାଟି, ଗଛ ହେଉଛି ଆମର ସମ୍ପ ି, ଆମର ଧନ, ଆମର ଜୀବନ । ଆମେ ଗରିବ ନୁହେଁ, ଆମେ ଧନୀ । ଧନ ଉପରେ ବସିଛୁ । ସେଥିଲାଗି ସମସ୍ତେ ଆମ ପାଖକୁ ଆସୁଛନ୍ତି । ଆମେ ତ କାହା ପାଖକୁ ଯାଉନୁ ?'

ପୁଣି ବିଲୁଆ ମଉସା କୁହନ୍ତି, 'ଚାଷଟା ଖାଲି ମଣିଷ ଖାଇବା ଲାଗି ନୁହେଁ । ଏଥିରେ ଭାଗଅଛି ଆମ ଜଙ୍ଗଲି ଜନ୍ତୁମାନଙ୍କର । ଏହି ଚାଷଭାଗରୁ ମାଙ୍କଡ଼ ଖାଇବ, ଚଢ଼େଇ ଖାଇବ, ବାରହା ଖାଇବ, କୁଟରା ବି ଖାଇବ । ସମ୍ବର, ହରିଣ ଏମତିକି ହାତୀ, ବାଘ, ଯାହା ଜୀବଜନ୍ତୁ ସେମାନଙ୍କର ବି ଭାଗ ଅଛି । ସେଥିଲାଗି ପାଉଡ଼ିଭୂୟାଁ, ଗଛ, ଜୀବଜନ୍ତୁ ସବୁ ମିଶିକରି ସମ୍ପର୍କ ହୋଇ ରହିଆସୁଛୁ । ଯେଉଁ ଭୂୟାଁ ଛୁଆ ଏମିତି ମିଶିକରି ଯୁଗ ଯୁଗ ଧରି ରହିଆସୁଥିଲା, ଆଜି ସେ କାହିଁକି ଅସୁବିଧାରେ ପଡୁଛି ? ସରକାର କହୁଛି ପାଉଡ଼ିଭୂୟାଁ

ଭୂମିହୀନ... ଆଜି ଯଦି ପାଉଡ଼ିଭୂୟାଁ ଭୂମିହୀନ ହେଲା, ତେବେ ବିଦେଶିଆଙ୍କର କାଗଜପତ୍ରରେ ଶହ ଶହ ଏକର ଜମି ହୋଇଗଲା କେମିତି ?

ଖଣ୍ଡାଧାରଟା ଖାଲି ଆମ ପାଉଡ଼ିଭୂୟାଁଙ୍କର ତ ନୁହେଁ, ସମସ୍ତଙ୍କ ପାଇଁ । ସମସ୍ତଙ୍କ ପାଇଁ ଖଣ୍ଡାଧାରର ସୁରକ୍ଷା ସଂଗ୍ରାମ ଚାଲିଛି । କାହିଁକି ନା, ଖଣ୍ଡାଧାର ହେଉଛି ଏମିତି ଏକ ଜଳଭଣ୍ଡାର, ଉଭୟ ଖଣ୍ଡାଧାର, ଯେଉଁଠୁ ଦୁଇଟା ନଦୀ ବ୍ରାହ୍ମଣୀ ଆଉ ବୈତରଣୀ ଆସିଛି । ଯେଉଁଥିରେ ଖଣ୍ଡାଧାର ଜଳପାତ କରୁଛି । ସେଇଟାକୁ ଯଦି ଖଣିଖନନ କରିଦିଆଯାଏ, ମଣିଷର ତ ଯାହା ହବ ହବ, କିନ୍ତୁ ଜୀବଜନ୍ତୁଙ୍କର ବହୁତ ଅସୁବିଧା ହୋଇଯିବ ।

ଆଦିବାସୀ କେବେ ଜଙ୍ଗଲ ଭାଙ୍ଗେନି । ଭାଙ୍ଗିଛନ୍ତି ଆମ ନେତା, ଭାଙ୍ଗିଛନ୍ତି କମ୍ପାନୀ, ଭାଙ୍ଗିଛନ୍ତି ସରକାର ।

ସେ ଆମର ଛୁଆପିଲା, ଆମ ପୁଅର ପୁଅ, ପୁଅର ପୁଅକୁ ନେଉ । ହେଲେ ଏଠି ରହିବୁ କାହିଁକି, ଜଙ୍ଗଲକୁ ଛାଡ଼ି ଟଙ୍କା ରଖିବୁ କାହିଁକି । ରଖିବୁ କେଉଁଠି । ଆଜି ମୁଁ ଅଛି, ମୋ ପୁଅ ଅଛି, ଏ ଜଙ୍ଗଲ ଥିବ । କାଲି ମୋ ନାତି ଅମଳକୁ ଏ ଟଙ୍କା ରହିବ ? ଜଙ୍ଗଲ ଥିଲେ ମୁଁ ଖାଇବି, ମୋ ପୁଅ ଖାଇବ, ମୋ ନାତିପୁତି ଖାଇଲେ ବି ସରିବ ନାହିଁ ।

ଆମ ମଣିଷପାଇଁ ତ ସେ ଗୋଟେ ପକ୍କା ବିଲ୍‌ଡିଂଟେ ଦେଇଦେବ, ମେଡ଼ିକାଲ, ବଜାରକୁ ରାସ୍ତା ଦେଇଦେବ । ଆଉ ଜଙ୍ଗଲ ଜୀବଜନ୍ତୁ ।' ସେମାନେ କ'ଣ ଗାଡ଼ିରେ ବସିବେ ? ନା ବଜାର କରିଯିବେ ? କି ବଜାରରୁ କିଣି ଖାଇବେ, ଭାଲୁ, ବାର୍‌ହାମାନେ ? ମଣିଷ ସିନା ପଇସା ଧରିବ, କିଣିକି ପକୁଡ଼ି, ସିଙ୍ଗଡ଼ା କିମ୍ବା ବରା ଖାଇବ । ଜୀବଜନ୍ତୁମାନେ ତ ଜଙ୍ଗଲରୁ ପାଣି ଖାଇବେ, ଫଳ ଖାଇବେ, କନ୍ଦା ବି ଅଛି କନ୍ଦା ଖାଇବେ, ଚଢ଼େଇମାନେ ? ସେ ତ ଫଳ ଖାଇବେ । ସେ କ'ଣ ବଜାରକୁ ଯାଇ ମତେ ଚଣା ଦିଅ, ମଟର ଦିଅ ମାଗିବେ ?

ଆମର ଚାଷ ବିନା ହଳ ପରିଶ୍ରମରେ ଚାଲିଛି । ମଣିଷ, ଚାଷ କରୁଛନ୍ତି । ତେଲ, ଜଡ଼ା, ମରିଚ, ବାଇଗଣ ଆଉ କନ୍ଦମୂଳ ଯାହାକୁ ଆମ ଭାଷାରେ ଆମେ କହୁ ଟୁଙ୍ଗୁରିଆଲୁ, ସେମିତି ବି ଚାଷ କରୁଛନ୍ତି । ସେଠି କାଙ୍ଗୁହେଲା, କିମ୍ବା ତିଶିଳିଆ କିମ୍ବା କୌଣସି ବିରି, ସୁତୁରିର ବିହନକୁ ଗୋଟେ ଗୋଟେ ପଥର ତଳିଆ ରୋଇ ଦବୁ, ଆଉ ବର୍ଷା, ଟୁପୁରୁ ଟୁପୁରୁ ହେଉଥିବ । ହେଲେ ଗଛଟା ଯଦି ହୋଇଗଲା, ବହୁତ ଭଲ ଫଳ ଦିଏ । ଏବେ ଯାଏଁ ବି ଆମେ ସେଇ ଚାଷ କରିଆସୁଛୁ । ଚାଷ ଅମଳ ସମୟ ଦେଲେ ସେଠି ଗୋଟଏ ମ । ମାରିବୁ ଆଉ ପୁରା ପରିବାର ସେଠିଯାଇ ଜଗିବୁ । ହାଣ୍ଡି, ଚଟୁ ଧରିକି ସେଠାକୁ ଯିବୁ । ଆମକୁ ବଜାରକୁ ଯିବାକୁ ପଡ଼େନି । ଆମେ ସେଠି ତୁଣ, ଶାଗ, ଭାତ, ସବୁ ମିଳେ । ମିଳେନି ବୋଲି ଖାଲି ଆମ ପାଖରେ ନଥାଏ ଲୁଣ । ତେଲ ବି ଆମ ପାଖରେ ଥାଏ, ଜଙ୍ଗଲରୁ ସଂଗ୍ରହ କରୁ ଆଉ ଚାଷ ବି କରୁଛୁ । ଜଟଙ୍ଗି ତେଲ, ରାଶି ତେଲ । ଗୋଟେ କାଠଗଣ୍ଡି ଓ ଦଉଡ଼ି ପେଟିରେ ଭ ି କରି ଜଟଙ୍ଗି, ରାଶିକୁ ଆମେ ତେଲ ବାହାର କରୁ । ଜଡ଼ାରୁ ବି ଆମ ମା' ମାଉସୀମାନେ ତେଲ ବାହାର କରନ୍ତି ସିଝେଇକି । ଏମିତି ଆମେ ଜଙ୍ଗଲରେ ରହିଆସିଛୁ ।"

ପୁଣି ବିଲୁଆ ମଉସା ଦୃଢ଼ ଭାବେ କୁହନ୍ତି, 'ଯଦି ସରକାର ଏମିତି ଗୋଟେ ପାହାଡ଼ ତିଆରି କରିଦେବ, ତା'ହେଲେ ଆମେ ସରକାରକୁ ସରକାର ଭଳି ମାନିବୁନି, ଦେବତା ବୋଲି ପୂଜା କରିବୁ ।' ବିଲୁଆ ନାୟକଙ୍କ ବକ୍ତବ୍ୟରେ ଭରି ରହିଛି ମଣିଷ ସଭ୍ୟତା ଓ ଜୀବଜଗତ ବ ୍ ରହିବା ପାଇଁ ଅନେକ ଦିଗଦର୍ଶନ । ସେଠି ଅଛି ବିକାଶର ଏକ ସୁନ୍ଦର ପରିଭାଷା । ମଣିଷ ଓ ଜୀବଜଗତ ଭିତରେ ଥିବା ଆଧ୍ୟାତ୍ମିକ ସମ୍ପର୍କର ବା ି। ତଥାକଥିତ 'ବିକାଶ' କେମିତି ସେମାନଙ୍କୁ ଉପନିବେଶ କରିଦେଇଛି ଏବଂ ସେମାନେ ସ୍ୱାଧୀନତାର ଅର୍ଥ କ'ଣ ଏଯାଏଁ ବୁଝିପାରୁନାହାନ୍ତି । ଯଦି କିଛି ବୁଝିଛନ୍ତି, ତାହେଲା ଯେ ସେମାନଙ୍କର ଭୂମି ସ୍ୱାଧୀନ ଭାରତରେ ଗୋଟିଏ ଉପନିବେଶ ।